# ଜଳ ସେଚିତ ଜମି ପାଇଁ ଉପଯୋଗୀ ଅଧିକ ଅମଳକ୍ଷମ ଧାନ କିସମ

# ନବୀନ

ଶଶାଙ୍କ ପଟ୍ଟନାୟକ, କେ.ଏସ. ରାଓ, ଜି.ଜେ.ଏନ. ରାଓ,
କ୍ଷେତ୍ରମୋହନ ଦାସ ଏବଂ ମାୟାବିନୀ ଜେନା




କଟକ ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନରୁ ସତାରୀ ଏବଂ ଜୟା ଧାନର ବଂଶୀୟ ଗୁଣକୁ ବ୍ୟବହାର କରି ନବୀନ କିସମଟି ବାହାର କରାଯାଇଛି । ଏହା ଓଡ଼ିଶା ରାଜ୍ୟ ବିହନ ଉପ ସମିତି ଦ୍ୱାରା ଅନୁମୋଦିତ ହୋଇଛି। ଏହା ୨୦୦୫ ମସିହାରେ ସିକୃତି ପାଇଛି ଏବଂ ୨୦୦୬ ମସିହାର ବିଜ୍ଞପ୍ତି ସୂଚିତ ହୋଇଛି। ଏହି କିସମଟି ଖରିଫ ଋତୁରେ ବର୍ଷାଶ୍ରିତ ଡିପ ଜମି ଓ ଜଳ ସେଚିତ ଜମି ପାଇଁ ଏବଂ ରବି ଋତୁରେ ଜଳ ସେଚିତ ଜମି ପାଇଁ ଉପଯୋଗୀ। ଏହା ମଧ୍ୟମ ଉଚ୍ଚତା ବିଶିଷ୍ଟ ଅଟେ (୧୦୦ – ୧୧୦ ସେ.ମି.)। ଖରିଫ ଋତୁରେ ଛଟା ବୁଣା କଲେ ପ୍ରାୟ ୧୧୫ ଦିନରେ, ରୁଆ ଧାନ କଲେ ୧୧୮ ଦିନରେ ଏବଂ ରବି ଚାଷ କଲେ ୧୨୦ ଦିନରେ ଅମଳ ଦିଏ । ଏହା ମହିଷା ରୋଗ, କାଣ୍ଡ ବିନ୍ଧା ରୋଗ ଓ ପତ୍ର ଚିତା ରୋଗ ସହିଷ୍ଣୁ ଅଟେ। ଏହି କିସମର ଚାଉଳ ମଧ୍ୟମ ମୋଟା ଅଟେ। ଏକ କ୍ୱିଣ୍ଟାଲ ଧାନରୁ ହାରାହାରି ୬୬.୫ ଭାଗ ଚାଉଳ ମିଳିଥାଏ। ଚାଉଳ ଫୁଲିବା ଅନୁପାତ ପ୍ରାୟ ୧.୭୬। ପ୍ରତି ହେକ୍ଟର ପିଛା ୪.୫ ରୁ ୫ ଟନ୍ ଖରିଫ ଋତୁରେ ଏବଂ ୫ରୁ ୬ ଟନ୍ ରବି ଋତୁରେ ଅମଳ ଦିଏ।

- ଉକ୍ତ ରାସାୟନିକ ପଦାର୍ଥକୁ ମଧ୍ୟ ୫୦ କେ.ଜି. ବାଲିରେ କିମ୍ବା ୧୦ କେ.ଜି. ୟୁରିଆ ସାରରେ ମିଶାଇ ସମାନ ଭାବରେ ଜମିରେ ପ୍ରୟୋଗ କରାଯାଇଥାଏ। ଜମିରୁ ୪୮ ଘଣ୍ଟା ଭିତରେ ଜଳ ନିଷ୍କାସନ କରିବା ଅନୁଚିତ୍।
- କୌଣସି ଘାସମରା ରାସାୟନିକ ପଦାର୍ଥ ପ୍ରୟୋଗ କରୁନଥିଲେ, ଧାନ ରୋଇବାର ୨୦ ଦିନ ଓ ୪୦ ଦିନ ପରେ ଦୁଇଥର ହାତବଛା କରନ୍ତୁ।

**ଜଳ ପରିଚାଳନା:**

- ତଳି ରୋପଣର ୧ ସପ୍ତାହ ପର୍ଯ୍ୟନ୍ତ ଜମି ଆର୍ଦ୍ରତା ରଖିବା ଦ୍ୱାରା ଗଛ ସୁଦୃଢ ରହେ।
- ଫସଲ ବୃଦ୍ଧି ସମୟରେ ୩ ରୁ ୫ ସେ.ମି. ର ଏକ ଜଳସ୍ତର ଜମିରେ ରଖାଯାଏ। କିନ୍ତୁ ଶୀର୍ଷ ସାର ପ୍ରୟୋଗ କରିବା ପୂର୍ବରୁ ଜଳ ନିଷ୍କାସନ କରାଯାଇଥାଏ ଏବଂ ୨୪ ରୁ ୩୬ ଘଣ୍ଟା ପରେ ଜଳ ସେଚନ କରାଯାଇଥାଏ।
- ଖିର ଡୋକିବା ଅବସ୍ଥାର ୧୫ ଦିନପରେ ଜମିରୁ ଜଳ ନିଷ୍କାସନ କରନ୍ତୁ।

**ରୋଗ ପୋକ ନିୟନ୍ତ୍ରଣ:**

- ଏହି କିସମରେ ସାଧାରଣତଃ ଏତେ ରୋଗ ପୋକ ଦେଖାଯାଏ ନାହିଁ। ରବି ଚାଷରେ ଗଛ ବଢୁଥିବା ସମୟରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥାଏ। ୧ ମିଲିଲିଟର କ୍ଲୋରପାଇରିଫସ୍‌କୁ ୧ଲିଟର ପାଣିରେ ମିଶାଇ ଦ୍ରବଣ କରିବେ ଏବଂ ଧାନ ରୋପଣ ପୂର୍ବରୁ ଏହି ଦ୍ରବଣରେ ତଳିକୁ ସାରାରାତି ବୁଡାଇ ରଖିବେ। ଖରିଫ ଚାଷରେ ପିଲ ବାହାରିବା ସମୟରେ ଏହି ପୋକ ଆକ୍ରମଣରୁ ରକ୍ଷାପାଇବାପାଇଁ ପ୍ରତି ହେକ୍ଟର ପିଛା କାରବୋଫ୍ୟୁରାନ ୩୦ କେ.ଜି ପ୍ରୟୋଗ କରନ୍ତୁ।
- ମାଟିଆ ଗୁଣ୍ଡିପୋକ, ଧଳାପିଠିଆ ଗୁଣ୍ଡିପୋକ, ପତ୍ରମୋଡା ପୋକ, ନଳୀ ପୋକର ନିୟନ୍ତ୍ରଣ ପାଇଁ ଇମିଡାକ୍ଲୋପ୍ରିଡ ୧ ମି.ଲି. ପ୍ରତି ଲିଟର କିମ୍ବା କ୍ଲୋରପାଇରିଫସ୍ ୫ ମି.ଲି./ଲିଟର ପ୍ରୟୋଗ କରନ୍ତୁ।
- ପିଲ ବାହାରିବା ସମୟରେ ପତ୍ରପଚା ରୋଗ ଦେଖାଗଲେ ସିଥିମାର-୩ କିମ୍ବା ଭାଲିଡାମାଇସିନ୍ ୨ ମି.ଲି./ଲିଟର କିମ୍ବା ରୋଗ ଚିହ୍ନଟହେବା ପରେ ପ୍ରୋପିକୋନାଜଲ୍ ୧ ମି.ଲି./ଲିଟର ସିଞ୍ଚନ କରନ୍ତୁ।
- ଗୋଟିଏ ହେକ୍ଟର ଜମିରେ ଔଷଧ ସିଞ୍ଚନ ପାଇଁ ୫୦୦ ଲିଟର ପାଣି ବ୍ୟବହାର କରନ୍ତୁ।
- ହିଡ କୁ ସଫା ରଖନ୍ତୁ ଫଳରେ ରୋଗ ପୋକ କମ୍ ହେବ।

**ଧାନ କଟା ଓ ଅମଳ:**

- ଧାନ କେଣ୍ଡାରେ ଶତକଡା ୮୦ ଭାଗ ଧାନ ପାଚିଲେ ଧାନ କାଟିବା ଦରକାର।
- ଫସଲ କାଟିବା ପରେ ପରେ ଅମଳ କରିବା ଉଚିତ୍ । ଧାନକୁ ବିହନ କରି ରଖିବା ପାଇଁ ଖରାରେ ଶତକଡା ୧୨ ଭାଗ ଆର୍ଦ୍ରତା ରଖନ୍ତୁ ଏବଂ ଖାଦ୍ୟ ଆକାରରେ ବ୍ୟବହାର ପାଇଁ ଆର୍ଦ୍ରତା ପ୍ରାୟ ଶତକଡା ୧୪ ଭାଗ ରହିବା ଆବଶ୍ୟକ।

**ଶସ୍ୟ ପରିଚାଳନା:**

ଖରିଫ ଧାନ କଟାଯିବା ପରେ ରବିଧାନଚାଷ ହୋଇପାରିବ। ଏହା ପରେ ମକା, ଆଳୁ, ପନିପରିବା ଏବଂ ସୋରିଷ ଚାଷ ମଧ୍ୟ କରାଯାଇ ପାରିବ। ଏହି କିସମଟି କମ୍ ଦିନରେ ଅମଳ ହୋଇପାରୁଥିବାରୁ ଏହା ତିନି ପର୍ଯ୍ୟାୟ ଫସଲ ଯଥା : ଧାନ-ଧାନ-ଧାନ, ଧାନ-ମକା-ଝୁଡଙ୍ଗ, ଧାନ-ଆଳୁ-ରାଶି, ଧାନ-ସୂର୍ଯ୍ୟମୁଖୀ-ମୁଗ ପାଇଁ ଉପଯୁକ୍ତ ।

## ନବୀନ

**ସି.ଆର୍.ଆର୍.ଆଇ ବୈଷୟିକ ଇସ୍ତାହାର-୮୧**

ପ୍ରକାଶକ : ଡକ୍ଟର ତ୍ରିଲୋଚନ ମହାପାତ୍ର, ନିର୍ଦ୍ଦେଶକ, କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ
© ସମସ୍ତ ସତ୍ତ୍ୱ ସଂରକ୍ଷିତ - କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ, ଓଡ଼ିଶା, ଅପ୍ରେଲ-୨୦୧୨
ସମ୍ପାଦନା ଏବଂ ପୃଷ୍ଠା ବିନ୍ୟାସ : ଡକ୍ଟର ବିଶ୍ୱନାଥ ଷଡଙ୍ଗୀ ଓ ସନ୍ଧ୍ୟାରାଣୀ ଦଲାଲ୍
ଫଟୋ : ପ୍ରକାଶ କର, ଭଗବାନ ବେହେରା ଓ ଦିପ୍ତି ରଞ୍ଜନ ସାହୁ
ମୁଦ୍ରଣ : ପ୍ରିଣ୍ଟଟେକ୍ ଅଫସେଟ୍ ପ୍ରା.ଲିଃ., ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୨୪

## ଉପଯୁକ୍ତ ଚାଷ ପଦ୍ଧତି

### ତଳି ଘେରା ପ୍ରସ୍ତୁତି:

**ଶୁଷ୍କ ତଳି ଘେରା -**

- ଜଳସେଚିତ ଜମି କିମ୍ବା ପାଣି ସୁବିଧା ଥିବା ଜମିରେ ଖରିଫ ଚାଷ ପାଇଁ ଜୁନ୍‌ର ମଧ୍ୟମ ସପ୍ତାହ ଏବଂ ରବି ଚାଷ ପାଇଁ ଡିସେମ୍ବର ମାସର ମଧ୍ୟମ ସପ୍ତାହରେ ତଳି ଘେରା ପ୍ରସ୍ତୁତ କରନ୍ତୁ।
- ଜମିକୁ ୩ ରୁ ୪ଥର ହଳ କରନ୍ତୁ କିମ୍ବା ରୋଟାଭେଟର ସାହାଯ୍ୟରେ ଦୁଇଥର ହଳ କରି ମାଟିକୁ ଭଲ ଭାବରେ ଗୁଣ୍ଡ କରି ସମତୁଲ କରିବା ଆବଶ୍ୟକ । ଏକ ହେକ୍ଟର ତଳି ଘେରା ପ୍ରସ୍ତୁତ ପାଇଁ କମ୍ପୋଷ୍ଟ ସହ ୧୦୦ କେ.ଜି. ଯବକ୍ଷାରଜାନ, ୨୦ କେ.ଜି. ଫସଫରସ ଏବଂ ୨୦ କେ.ଜି. ପଟାସ ପ୍ରୟୋଗ କରନ୍ତୁ।
- ତଳିଘେରା ଜମିକୁ ଉଚ୍ଚ କରାଯାଇଥାଏ। ୧.୦ ମିଟର ପ୍ରସ୍ଥ ଏବଂ ଦରକାର ମୁତାବକ ଲମ୍ବ ରଖାଯାଏ। ଏକ ବେଡ୍‌ରୁ ଅନ୍ୟ ବେଡ୍‌ଟି ୩୦ ସେ.ମି. ଦୂର ରଖାଯାଇଥାଏ।
- ପାଖାପାଖି ୧ ଏକର ଜମି ରୋଇବାପାଇଁ ୧୦ ଡିସିମିଲି ଜମି ତଳିଘେରା ପାଇଁ ନିଆଯାଏ।

**ଆର୍ଦ୍ର ତଳି ଘେରା-**

- ୩ ରୁ ୪ ଦିନ ବ୍ୟବଧାନରେ ୪ରୁ ୫ ଥର ହଳ କରି ଭଲଭାବେ କାଦୁଅ କରିଦିଅନ୍ତୁ।
- ମୁଖ୍ୟ ଜମିକୁ ୧ ମିଟର x ୧୦ମିଟର ଆକାରର ଛୋଟ ଛୋଟ ପ୍ଲଟ୍‌ରେ ଭାଗ କରି ପ୍ଲଟ ଚାରିପାଖରେ ପାଣି ଯିବାପାଇଁ ନାଳି କରନ୍ତୁ।
- ଶେଷରେ ଜମିରେ ୫କେ.ଜି. ୟୁରିଆ, ୧୦କେ.ଜି. ସଙ୍ଗିଲ୍ ସୁପର ଫସଫେଟ୍, ୫କେ.ଜି. ପଟାସ୍ ଏବଂ ଭଲ ଭାବେ ସଢା ଖତ ପ୍ରୟୋଗ କରନ୍ତୁ।

### ବିହନ ବାଛିବା:

- ସୁସ୍ଥ ବିହନ ବାଛିବା ପାଇଁ ଏକ ଲିଟର ପାଣିରେ ୬୦ ଗ୍ରାମ ଲୁଣ ମିଶାଇ ଏକ ମିଶ୍ରଣ ତିଆରି କରି ସେଥିରେ ବିହନ ପକାନ୍ତୁ।
- ଭାସମାନ ହେଉଥିବା ବିହନକୁ ବାହାର କରିଦିଅନ୍ତୁ । ତଳେ ରହିଥିବା ସୁସ୍ଥ ମଞ୍ଜି ଗୁଡ଼ିକୁ ପରିଷ୍କାର ଜଳରେ ଧୋଇ ଛାଇରେ ସୁଖାଇ ବ୍ୟବହାର କରନ୍ତୁ।

### ବିହନ ପରିମାଣ ଏବଂ ବିଶୋଧନ:

- ରୁଆ ଧାନ କରିବାକୁ ହେଲେ ଏକ ହେକ୍ଟର ପିଛା ୩୦ ରୁ ୩୫ କେ.ଜି. ବିହନ ତଳିଘେରା ପାଇଁ ଆବଶ୍ୟକ ହୁଏ । ଛଟା ବୁଣା ପାଇଁ ଏକ ହେକ୍ଟର ପିଛା ୬୦ରୁ ୭୫ କେ.ଜି. ବିହନ ଆବଶ୍ୟକ।
- ପ୍ରତି ଏକ କେ.ଜି. ବିହନକୁ ୨ ଗ୍ରାମ ବାଭିଷ୍ଟିନ ହିସାବରେ ଗୋଳାଇ ବିଶୋଧନ କରନ୍ତୁ।
- ଆର୍ଦ୍ର ତଳିଘେରା ପରିସ୍ଥିତରେ ବିହନକୁ ବିଶୋଧନ କରିବାପାଇଁ ୧୦ କେ.ଜି. ବିହନକୁ ୨୦ ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୨୦ ଗ୍ରାମ କ୍ୟାପେଟନ୍ ମିଶାଇ ତିଆରି କରିଥିବା ଦ୍ରବଣରେ୧୦ ଘଣ୍ଟା ପାଇଁ ବତୁରାନ୍ତୁ।

### ବିହନ ବୁଣିବା ସମୟ:

- ଖରିଫ ଚାଷ-ଉଚ୍ଚା ଜମିରେ ଜୁନ୍ ମାସର ପ୍ରଥମ ପକ୍ଷରେ ଛଟା ବୁଣା ପାଇଁ ଉପଯୁକ୍ତ ସମୟ।
- ରୁଆ ଧାନ- ଜୁନ୍ ପ୍ରଥମ ସପ୍ତାହରେ ତଳି ଘେରାରେ ବିହନ ବୁଣନ୍ତୁ।
- ବୋରୋ ଧାନ/ଡାଲୁଅ ଧାନ- ନଭେମ୍ବର ଶେଷରୁ ଡ଼ିସେମ୍ବର ମଧ୍ୟମ ସପ୍ତାହ ପର୍ଯ୍ୟନ୍ତ ଉପଯୁକ୍ତ ସମୟ।

### ତଳିଘେରା ପରିଚାଳନା:

- ବିହନକୁ ୨୪ ଘଣ୍ଟାପାଇଁ ପାଣିରେ ବତୁରାଇ ପାଣିକୁ ନିଗାଡ଼ି ଦିଅନ୍ତୁ । ଗଜା ହେବାପାଇଁ ବିଶୋଧିତ ମଞ୍ଜିକୁ ଖୋଟ ଅଖା ବା ପାଲରେ ଭଲଭାବରେ ଗୁଡାଇ ଦିଅନ୍ତୁ।
- ଗଜା ହୋଇଥିବା ବିହନକୁ ତଳି ଘେରାରେ ବୁଣନ୍ତୁ। ତଳି ଘେରାକୁ ଓଦା ରଖନ୍ତୁ।
- ତଳିଘେରାରେ, ତଳି ପାଖାପାଖି ୨.୫ ସେ.ମି. ହୋଇଗଲେ ଘେରାରେ ଠିଆ ପାଣି ରଖିବା ଆବଶ୍ୟକ।
- ଗଜା ବାହାରିବାର ୧୫ ଦିନ ପରେ କାରବୋଫ୍ୟୁରାନ (ଫ୍ୟୁରାଡନ ୩ ଜି) ପ୍ରୟୋଗ କରନ୍ତୁ।
- ତଳିଘେରାରୁ ତଳି ଉପୁଡେଇବାର ୭ଦିନ ପୂର୍ବରୁ ପ୍ରତି ହେକ୍ଟରରେ ୧୦୦ କେ.ଜି. ଯବକ୍ଷାରଜାନ ଶୀର୍ଷ ସାର ହିସାବରେ ପ୍ରୟୋଗ କରନ୍ତୁ।

### ଜମି ପ୍ରସ୍ତୁତି:

- ପ୍ରାକ୍ ମୌସୁମୀ ବର୍ଷା ହେବା ପୂର୍ବରୁ କିମ୍ବା ପୂର୍ବ ଫସଲ ଅମଳ ପରେ ଜମିକୁ ଟ୍ରାକ୍ଟର ଦ୍ୱାରା ହଳ କରି ଦିଅନ୍ତୁ। ଯାହାଫଳରେ ରୋଗ ପୋକ ଏବଂ ଅନାବନା ଘାସର ପ୍ରାର୍ଦୁଭାବରୁ ଧାନ ଫସଲକୁ ରକ୍ଷା କରାଯାଇ ପାରିବ।
- ୭ ରୁ ୮ ଦିନ ଅନ୍ତରରେ ଜମିକୁ ୨ ଥର କାଦୁଅ କରାଯାଏ, ଫଳରେ ଘାସ ନିୟନ୍ତ୍ରଣ ସହିତ ଖାଦ୍ୟ ସାରର ଉପଲବ୍ଧତା ବଢିଥାଏ। ମଇ ବ୍ୟବହାର କରି ଜମିକୁ ସମତୁଲ କରାଯିବା ଦ୍ୱାରା ଜମିରେ ପାଣିସ୍ତର ସମାନ ରହେ।

### ରୁଆ ପାଇଁ ତଳି:

- ଖରିଫ ଚାଷ-୨୦ ରୁ ୨୫ ଦିନିଆ ତଳି ବ୍ୟବହାର କରନ୍ତୁ।
- ରବି/ବୋରୋ/ଡାଲୁଅ ଧାନ ପାଇଁ ୩୦ ଦିନିଆ ତଳି ବ୍ୟବହାର କରନ୍ତୁ।

### ତଳି ରୁଆ ଏବଂ ଲଗାଇବା ଦୂରତା:

- ଖରିଫ ଧାନ ପାଇଁ ୧୫ ସେ.ମି. x ୧୫ସେ.ମି. ବ୍ୟବଧାନରେ ଜୁଲାଇ ମଧ୍ୟ ଭାଗରେ ରୁଆ କରନ୍ତୁ। ରବି ଚାଷ ପାଇଁ ଜାନୁୟାରୀ ମଧ୍ୟ ଭାଗରେ ୧୫ ସେ.ମି. ଧାଡ଼ିକୁ ଧାଡ଼ି ଓ ୧୦ ସେ.ମି. ଗଛକୁ ଗଛ ବ୍ୟବଧାନରେ ତଳି ରୁଅନ୍ତୁ।
- କାଦୁଅ ଜମିରେ ୨୦ରୁ ୨୫ ଦିନିଆ ତଳିକୁ ବୁଦା ପ୍ରତି ୨ ରୁ ୩ ଟି ତଳି ରୋପଣ କରନ୍ତୁ। ୭ଦିନ ପରେ ଖାଲି ପଡିଥିବା ସ୍ଥାନ ମାନଙ୍କରେ ତଳି ଲଗାଇବା ଉଚିତ୍।

### ସାର ପ୍ରୟୋଗ:

- ଖରିଫ ଚାଷ- ୮୦: ୪୦: ୪୦ ଯବକ୍ଷାରଜାନ, ଫସଫରସ, ପଟାସ ଓ ୫ଟନ୍ ଗୋବରଖତ ପ୍ରତି ହେକ୍ଟର ପିଛା ପ୍ରୟୋଗ କରନ୍ତୁ।
- ରବି ଚାଷ-୧୨୦: ୬୦: ୬୦ ଏନ. ପି. କେ ଓ ୫ଟନ୍ ଗୋବର ଖତ ହେକ୍ଟର ପିଛା ପ୍ରୟୋଗ କରନ୍ତୁ।
- ଜିଙ୍କ୍ ଅଭାବ ପରିଲିକ୍ଷିତ ଜମିରେ ହେକ୍ଟର ପିଛା ଜିଙ୍କ ସଲଫେଟ୍ ୨୫ କେ.ଜି. ମୂଳ ସାର ଭାବେ ପ୍ରୟୋଗ କରନ୍ତୁ।
- ମାଟିକୁ ପରୀକ୍ଷା କରି ସେଥିରେ ସାର ପ୍ରୟୋଗ କରିବା ଆବଶ୍ୟକ।

### ସାର ପ୍ରୟୋଗ ପ୍ରଣାଳୀ:

- ଜମିକୁ ଶେଷଥର ପାଇଁ କାଦୁଅ କରି ପ୍ରସ୍ତୁତ କରାଯିବା ପୂର୍ବରୁ ଅଧା ଯବକ୍ଷାରଜାନ ପରିମାଣ, ସମ୍ପୂର୍ଣ୍ଣ ଫସ୍‌ଫରସ, ତିନି ଚତୁର୍ଥାଂଶ ପଟାସକୁ ମୂଳସାର ଭାବେ ପ୍ରୟୋଗ କରନ୍ତୁ।
- ଅବଶିଷ୍ଟ ଯବକ୍ଷାରଜାନ ସାରକୁ ୨ ଭାଗ କରି ୧ ଭାଗ ରୋପଣର ତିନି ସପ୍ତାହ ପରେ ଏବଂ ଅନ୍ୟ ଏକ ଭାଗଟି ଥୋଡ ସାର ରୂପେ ପ୍ରୟୋଗ କରନ୍ତୁ।
- ଯବକ୍ଷାରଜାନ ସାର ପ୍ରୟୋଗ ପାଇଁ ଲିଫ୍ କଲର୍ ଚାର୍ଟ ବ୍ୟବହାର କରନ୍ତୁ।

### ଘାସ ନିୟନ୍ତ୍ରଣ:

- ପ୍ରତି ହେକ୍ଟର ପିଛା ପ୍ରିଟିଲାକ୍ଲୋର ୧.୬ ଲିଟର କିମ୍ବା ଆନିଲୋଫସ ୦.୫କେ.ଜି.କୁ ୫୦୦ ଲିଟର ପାଣିରେ ମିଶାଇ ତଳି ରୋଇବାର ୪ରୁ ୬ ଦିନ ମଧ୍ୟରେ ଅଳ୍ପ ପାଣି ଥିବା ଜମିରେ ପ୍ରୟୋଗ ଦ୍ୱାରା ବହୁ ମାତ୍ରାରେ ଘାସ ନିୟନ୍ତ୍ରଣ ହୋଇଥାଏ।